To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
THE SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-15, Issue No.349, ଭଦ୍ରକ, ସୋମବାର, ୨୫, ଜୁନ୍ ୨୦୧୮ ■ Bhadrak, Monday, 25 June 2018 Rs. 2.00 Pages-8

ତାଙ୍କ ଦଳ ଉପରେ ଲଗାଯାଉଥିବା ସମସ୍ତ ଅଭିଯୋଗ ମିଛ : ମେହବୁବା



# ୪୮ ଘଣ୍ଟା ମଧ୍ୟରେ ମୌସୁମୀ ସକ୍ରିୟ



ଭୁବନେଶ୍ୱର, ୨୪।୬ (ସକାଳ ଖବର): ବିଗତ କିଛିଦିନ ହେବ ମୌସୁମୀ ଗାୟକ ହୋଇଯାଇଥିବା ନେଇ ଖବର ଆସିବା ପରେ ସମଗ୍ର ଓଡ଼ିଶାବାସୀଙ୍କ ମଧ୍ୟରେ ଏକପ୍ରକାର ନୈରାଶ୍ୟ ଭାବ ସୃଷ୍ଟି ହୋଇଥିଲା । ତେବେ ଇତିମଧ୍ୟରେ ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଖୁସି ଖବର ଆସିଛି । ମୌସୁମୀ ସାରା ରାଜ୍ୟରେ ସକ୍ରିୟ ହେବାକୁ ଆଉ ୪୮ ଘଂଟା ଲାଗି ପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ରାଜ୍ୟରେ ମୌସୁମୀ ଧୀରେ ଧୀରେ ସକ୍ରିୟ ହେଉଛି । ମିଳିଥିବା ସୂଚନା ଅନୁସାରେ ରବିବାର ଦିନ ଉପକୂଳରେ ମୌସୁମୀ ପ୍ରଭାବରେ ଆଜି କିଛି ସ୍ଥାନରେ ବର୍ଷା ହୋଇଛି । ସେହିପରି ଆଗାମୀ ୨୪ ଘଂଟା ମଂଧ୍ୟରେ ହିତ ଉତର ଓଡିଶାରେ ପ୍ରବଳ ବର୍ଷାର ପୂର୍ବାନୁମାନ କରିଛି ଅଂଚଳିକ ପାଣିପାଗ ବିଭାଗ। ଆଂଚଳିକ ପାଣିପାଗ ବିଭାଗ ପକ୍ଷରୁ କୁହା ଯାଇଛି ଯେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୯ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହୋଇ ପାରେ । ଏହି ୯ଟି ଜିଲ୍ଲା ହେଉଛି- କେଉଁଝର, ବାଲେଶ୍ୱର, ମୟୂରଭଞ୍ଜ, ସୁନ୍ଦରଗଡ଼, ଭଦ୍ରକ, ଦେଓଗଡ଼, ଅନୁଗୁଳ, ଯାଜପୁର ଓ କେନ୍ଦ୍ରାପଡ଼ା । ଚଳିତବର୍ଷ ଆଗୁଆ ମୌସୁମୀ ଆସିଥିଲେ ବି ଓଡ଼ିଶାରେ ଏହାର ପ୍ରଭାବ ସେତେଟା ଦେଖିବାକୁ ମିଳିନାହିଁ ।

# 'ମନ୍ କି ବାତ୍'



- ଖେଳୁଆଡ ମନୋବୃତି ଭ୍ରାତୃତ୍ୱ ଭାବନାର ପ୍ରତୀକ
- ଭାରତୀୟ ଡାକ୍ତର ଜଟିଳ ଚିକିତ୍ସା ସମସ୍ୟାର ସମାଧାନ ପାଇଁ ବେଶ ଜଣାଶୁଣା
- ଜିଏସ୍‌ଟି ଅନନ୍ୟ ଭାରତୀୟ ସଙ୍ଘୀୟବାଦର ଜ୍ୱଳନ୍ତ ନମୂନା

ନୂଆଦିଲ୍ଲୀ, ୨୪।୬ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି 'ମନ କି ବାତ୍'ର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ସେ ଏହି ଅବସରରେ ବେଙ୍ଗାଲୁରୁରେ ଐତିହାସିକ କ୍ରିକେଟ ମ୍ୟାଚର ଉଦାହରଣ ଦେଇ ଭାରତ-ଆଫଗାନିସ୍ତାନ ବନ୍ଧୁତ୍ୱର ନୂତନ ଦିଗନ୍ତ ଉପରେ ଆଲୋଚନା କରିବା ସହ ଖେଳ ଅପେକ୍ଷା ଖେଳୁଆଡ଼ ଭବୋବୃତ୍ତି ଭ୍ରାତୃତ୍ୱ ଭାବନାର ପ୍ରତୀକ ବୋଲି ମନ୍ତ୍ର ଦେଇଥିଲେ । ସେ ଏହି ଅବସରରେ ଆଫଗାନ୍ କ୍ରିକେଟର ରଶିଦ୍ ଖାନ୍‌ଙ୍କ ଉଦାହରଣ ମଧ୍ୟ ଦେଇଥିଲେ । ଖେଳ ସମାଜକୁ ଏକଜୁଟ କରିବା ଏବଂ ଆମ ଯୁବବର୍ଗଙ୍କ ମଧ୍ୟରେ ଥିବା ନୈପୁଣ୍ୟ, ସେମାନଙ୍କ ମଧ୍ୟରେ ରହିଥିବା ପ୍ରତିଭାକୁ ଖୋଜି ବାହାର କରିବାର (ପୃଷ୍ଠା-୭)

# ଦୁର୍ଘଟଣା: ୨୪ ମୃତ, ୧୯ ଗୁରୁତର



ହାଇଦ୍ରାବାଦ, ୨୪।୬: ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନାରେ ରବିବାର ଦୁଇଟି ଭିନ୍ନ ଦୁର୍ଘଟଣାରେ ୨୪ ଜଣ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ୧୯ ଜଣ ଗୁରୁତର ଆହତ ହୋଇଛନ୍ତି । ପ୍ରଥମ ଦୁର୍ଘଟଣାରେ ୧୫ ଜଣଙ୍କର ମୃତ୍ୟୁ ହୋଇଛି । ତେଲେଙ୍ଗାନାର ଯାଦାରି ଜିଲ୍ଲାର ମୁସି ନଦୀରେ ଯାଉଥିବା ବେଳେ ଟ୍ରାକ୍ଟର ଓଲଟିବାରୁ ୧୫ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ସେହିଭଳି ଆନ୍ଧ୍ର ପ୍ରଦେଶ ରାଜ୍ୟ ସଡ଼କ ପରିବହନ ନିଗମର ବସ ଏକ ଅଟୋକୁ ଧକ୍କା ଦେବାରୁ କର୍ଣ୍ଣୋଲ ଜିଲ୍ଲାରେ ୯ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି ।

ଯାଦାରି ଜିଲ୍ଲା ପୁଲିସ କହିଛି, ଟ୍ରାକ୍ଟରରେ ୩୦ ଜଣ ଶ୍ରମିକ ବିଲରେ କାମ କରିବାକୁ ଯାଉଥିଲେ । ଭୁଲ ରାସ୍ତାରେ ଯାଉଥିବା ଏକ ବାଇକକୁ ବଞ୍ଚାଇବା ପାଇଁ ଟ୍ରାକ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଟ୍ରାକ୍ଟର ଡ୍ରାଇଭର ବାଇକ ଚାଳକକୁ ବଞ୍ଚାଇବାକୁ ଉଦ୍ୟମ କରି ବି ବିଫଳ ହୋଇଥିଲେ । କିନ୍ତୁ ବାଇକ ଆସି ସିଧାସଳଖ ଟ୍ରାକ୍ଟରକୁ ଧକ୍କା ଦେଇଥିଲା । ଏହା ପରେ ଟ୍ରାକ୍ଟରଟି ପୋଲ ଉପରୁ ମୁସି ନଦୀକୁ ଖସି ପଡ଼ିଥିଲା । ଜିଲ୍ଲାପାଳ ଅନିତା ରାମଚନ୍ଦ୍ରନ ଘଟଣାକୁ ମନିଟରିଙ୍ଗ କରୁଛନ୍ତି । ସେ କହିଛନ୍ତି ଦୁର୍ଘଟଣାରେ ୧୪ ଜଣ ମହିଳା ଓ ଜଣେ ଶିଶୁର ମୃତ୍ୟୁ ଘଟିଛି । ଆହତମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## ବୈଜୟନ୍ତଙ୍କୁ ନେଇ ରାଜନୀତି ଜୋର ଧରିଲା

ଭୁବନେଶ୍ୱର, ୨୪।୬ (ସକାଳ ଖବର): ବିଜେଡିରୁ ଇସ୍ତଫା ଦେଇ ସାରିଥିବା ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା କଟକ ଗସ୍ତରେ ଯାଇ ବିଜେପି ନେତା ସମୀର ଦେଙ୍କ ସହ ଆଲୋଚନା କରିଥିବା ପରେ ଏହାକୁ ନେଇ ରାଜନୀତି ଜୋର ଧରିଛି । ଶ୍ରୀ ସମୀର ଦେଙ୍କ ଘରେ କିଛି ବୁଦ୍ଧିଜୀବୀ ମାନଙ୍କୁ ଶ୍ରୀ ପଣ୍ଡା ଭେଟିଥିବା ବେଳେ ଏଥିରେ କଣ ଆଲୋଚନା ହୋଇଛି ସେ ବିଷୟରେ କିଛି ସ୍ପଷ୍ଟ ହୋଇ ପାରି ନାହିଁ । ଉଲ୍ଲେଖନୀୟ ଯେ ଶ୍ରୀ ପଣ୍ଡା ବିଜେଡିରୁ ଇସ୍ତଫା ଦେବା ପରେ ଜାତୀୟ ଗଣମାଧ୍ୟମ ସହ ସାକ୍ଷାତକାର ଦେଇ ତାଙ୍କର କୌଣସି ଦଳରେ ସାମିଲ ହେବା ନେଇ ବିକଳ୍ପ ଖୋଲା ଥିବା କଥା ସ୍ପଷ୍ଟ କରିଥିଲେ । ତେବେ ଏ ସମ୍ପର୍କରେ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତର ଦେଇ ବିଜେପି ନେତା ସମୀର ଦେ କହିଛନ୍ତି ଯେ ଏକ ସାମାଜିକ (ପୃଷ୍ଠା-୭)

# ଆତଙ୍କୀ ନିପାତ ଅଭିଯାନ

## ରବିବାର ୨ ନିହତ, ୨ ଦିନ ତଳେ ନିପାତ ହୋଇଥିଲେ ୪



ଶ୍ରୀନଗର, ୨୪।୬: ଜମ୍ମୁ କଶ୍ମୀରର କୁଲଗାମରେ ରବିବାର ସୁରକ୍ଷା ବାହିନୀଙ୍କର ଏନକାଉଣ୍ଟରରେ ୨ଜଣ ଲସ୍କର ଆତଙ୍କବାଦୀ ନିପାତ ହୋଇଛନ୍ତି । ଏହି ଅଞ୍ଚଳରେ ଆଉ ଜଣେ ଆତଙ୍କବାଦୀ ଲୁଚି ରହିଥିବା ଅନୁମାନ କରାଯାଉଛି । ସୁରକ୍ଷା ଦୃଷ୍ଟିରୁ କୁଲଗାମ ଜିଲ୍ଲାରେ ଇଣ୍ଟରନେଟ ସେବାକୁ ବନ୍ଦ କରି ଦିଆଯାଇଛି । ସୁରକ୍ଷା ବାହିନୀ ୩ୟ ଆତଙ୍କବାଦୀକୁ ଖୋଜୁଛି । ଏଥିପାଇଁ ଅପରେସନ ଜାରି ରହିଛି । ଜମ୍ମୁ କଶ୍ମୀର ଡିଜିପି ଏସ୍.ପି. ବୈଦ୍ୟ ଟୁଇଟର ମାଧ୍ୟମରେ ସୂଚନା ଦେଇଛନ୍ତି ଯେ, ୨ଜଣ ଆତଙ୍କବାଦୀକୁ ଏନକାଉଣ୍ଟରରେ ନିପାତ କରାଯାଇଛି । ସେ ସୁରକ୍ଷା ବାହିନୀଙ୍କୁ ମିଳିଥିବା ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଦକ୍ଷିଣ କଶ୍ମୀରର ଅନନ୍ତନାଗରେ ଶୁକ୍ରବାର ସୁରକ୍ଷା ବାହିନୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା । ବହୁ ସମୟ ଧରି ଗୁଳିବିନିମୟ ହେବା ପରେ ୪ଜଣ ଆତଙ୍କବାଦୀ ନିହତ ହୋଇଥିଲେ । ଏହି ଏନକାଉଣ୍ଟର ସମୟରେ ଜମ୍ମୁ କଶ୍ମୀର ପୁଲିସର ଯବାନ ଆଶିକ ହୁସେନ ମଧ୍ୟ ସହିଦ ହୋଇଥିଲେ । ଏହା ବ୍ୟତୀତ ଜଣେ ସାଧାରଣ ନାଗରିକଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା । ସୂଚନା ଅନୁସାରେ ସୁରକ୍ଷା ବାହିନୀଙ୍କୁ ବିଳମ୍ବିତ ରାତିରେ ଆତଙ୍କବାଦୀମାନେ ଲୁଚି ରହିଥିବା ସଂପର୍କରେ ଜାଣିଥିଲେ । ଏହା ପରେ ଏନ୍‌କାଉଣ୍ଟର ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା ।

# ବିଜେପିର ଦୁଇଗୋଷ୍ଠୀଙ୍କ ମଧ୍ୟରେ ହାତାହାତି



ଭୁବନେଶ୍ୱର , ୨୪ ଜୁନ - -ପଦାରେ ପଡିଛି ବିଜେପିର କନ୍ଦଳ । ହାତାହାତି ହୋଇଛନ୍ତି ଦୁଇଗୋଷ୍ଠି । ବିଜେପି ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓଙ୍କ ଉପସ୍ଥିତରେ ଘଟିଛି ଏହିପରି ଘଟଣା । ଶେଷରେ ଶ୍ରୀ ସିଂଦେଓଙ୍କ ହସ୍ତକ୍ଷେପ ଫଳରେ ସ୍ଥିତି ଶାନ୍ତ ପଡିଥିଲା । ଆଜି ନୟାଗଡର ଏକ ହୋଟେଲେ ଅନୁଷ୍ଠିତ ହୋଇଥିଲା ବୁଦ୍ଧିଜୀବି ସମ୍ମିଳନୀ । ସେଠାରେ ଉପସ୍ଥିତ ଥିଲେ ବିଧାୟକ ଦଳ ନେତାଙ୍କ ସହ କାଯ୍ୟକାରିଣୀ ସଦସ୍ୟ ପୂର୍ଣ ମଳିକ । ତେବେ ଏହି ବୈଠକକୁ ଗୋଟିଏ ଗୋଷ୍ଠିଙ୍କୁ ଡକାଯାଇନଥିବା ହେତୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ପରିସ୍ଥିତି ଏପରି ହୋଇଥିଲା ଯେ, ଦୁଇ ଗୋଷ୍ଠିର କର୍ମୀଙ୍କ ମଧ୍ୟରେ ହାତାହାତି ହେବା କାରଣରୁ ଦୁଇଜଣଙ୍କର ମୁଣ୍ଡ ଫାଟିଛି । ଶେଷରେ ବିଧାୟକ (ପୃଷ୍ଠା-୭)

# ଭୁବନେଶ୍ୱର ବିମାନ ବନ୍ଦରରୁ ପୁଣି ସୁନା ଜବତ

ଭୁବନେଶ୍ୱର , ୨୪ ଜୁନ - ଭୁବନେଶ୍ୱର ବିମାନ ବନ୍ଦରରୁ ରବିବାର ଦିନ ପୁଣି ଥରେ ସୁନା ଜବତ ହୋଇଛି । କଷ୍ଟମ ବିଭାଗର ଅଧିକାରୀ ମାନେ ଏହବି ସୁନାକୁ ଜବତ କରିଛନ୍ତି । କଷ୍ଟମ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏକ ସୁନା ଚେନ ଏବଂ ସୁନା କଡା ଜବତ ହୋଇଛି। ଜବତ ହୋଇଥିବା ସୁନା ପ୍ରାୟ ଏକ କେଜି ହେବ ଏବଂ ଆନୁମାନିକ ମୂଲ୍ୟ ୩୧ ଲକ୍ଷ ୫୪ ହଜାର ୬୨୦ ଟଙ୍କା ହେବ ବୋଲି କୁହା ଯାଉଛି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଭୁବନେଶ୍ୱର ବିମାନ ବନ୍ଦରରୁ ଏମିତି ବାରମ୍ବାର ସୁନା ଜବତ ଘଟଣା ସାମନାକୁ ଆସୁଛି। ଗତ ୨୧ ତାରିଖରେ ଜଣେ ଯାତ୍ରୀଙ୍କ ଠାରୁ ୨୯୫ ଗ୍ରାମର ସୁନା ଜବତ କରିଥିଲା କଷ୍ଟମ୍ ବିଭାଗ।


କାହାପ୍ରତି ଈର୍ଷା, ଦ୍ୱେଷ ଏବଂ ପ୍ରତିଶୋଧ ଭାବ ରଖନ୍ତୁ ନାହିଁ । ଭଗବାନ ସ୍ୱୟଂ ତୁମକୁ ରକ୍ଷା କରିବେ ।


ହୁଣ୍ଡିର ଆୟ (୨୨.୬.୧୮)
୧,୯୦,୯୯୦

## କୁନ୍ଦୁଲି ଗଣବଳାତ୍କାର ଓ ଆତ୍ମହତ୍ୟା ମାମଲା

# ଡାକ୍ତର, ଥାନା ଅଧିକାରୀ ଓ ସ୍ୱେଚ୍ଛାସେବୀ ଦେଲେ ସାକ୍ଷ୍ୟ



ଜୟପୁର, ୨୪।୬ (ସକାଳ ଖବର): କୋରାପୁଟ ଜିଲା ରେ ବହୁ ଚର୍ଚ୍ଚିତ କୁନ୍ଦୁଲି ଗଣବଳାତ୍କାର ଓ ଆତ୍ମହତ୍ୟା ମାମଲାର ତଦନ୍ତ କମିଶନଙ୍କ ଠାରେ ଆଜି ଚତୁର୍ଥ ପର୍ଯ୍ୟାୟ ସାକ୍ଷ୍ୟ ଗ୍ରହଣ ଅନୁଷ୍ଠିତ ହୋଇଛି । ଜୟପୁର ଜିଲା କୋର୍ଟ ପରିସରରେ ବିଚାର ବିଭାଗୀୟ କମିଶନ ବିଦ୍ୟୁତ କୁମାର ମିଶ୍ରଙ୍କ କମିଶନ ତରଫରୁ ୩ ଜଣଙ୍କୁ ନୋଟିସ ଜାରି କରାଯାଇ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା । ସେମାନେ ହେଲେ ପଟ୍ଟାଙ୍ଗି ଥାନା ଅଧିକାରି ଦେବ କୁମାର ଗମାଙ୍ଗ ଙ୍କ ଦ୍ୱିତିୟ ଥର ସାକ୍ଷ୍ୟ ଦେଇଥିବା ବେଳେ ଡାକ୍ତର ପ୍ରନିସ୍ ପରିଡା ଓ ହେଲପ ଲାଇନ ର ସ୍ୱେଚ୍ଛାସେବି ସଂଯୁକ୍ତା ବର ଏଲିୟସ ନାୟିଡୁ । ଏହି ମାମଲାର ଆସନ୍ତା ଜୁଲାଇ ୮ ତାରିଖରେ ପ ମ ପର୍ଯ୍ୟାୟ ସାକ୍ଷ୍ୟ ଗ୍ରହଣ ହେବ । ଏହି ଦିନ ଏଏନଏମ ଅନିମା ବେହେରା, ଡାକ୍ତର ଅଜିତ ପ୍ରଧାନ , କ୍ରାଇମବ୍ରା ଅନସପେକ୍ଟର ମମତା ରାଣି ପଣ୍ଡା । ୪ଟି ପର୍ଯ୍ୟାୟରେ ୯ ଜଣ ସାକ୍ଷ୍ୟ ପ୍ରଦାନ କରିଥିବା ବେଳେ ପୁଣି ସରକାରି ଭାବେ ୫ ଜଣ ସାକ୍ଷ୍ୟ ଦେବେ । ବ ମାନ ୍ ପ୍ରଶାସନ ଅଧିକାରିଙ୍କ ସତ୍ୟପାଠ ଆଧାରେ ସାକ୍ଷ୍ୟ ପ୍ରଦାନ ଚାଲିଥିବା ବେଳେ କୁନ୍ଦୁଲି ପଡିତାର ପରିବାର ତରଫରୁ ସହଯୋଗ କରୁନଥିବା ବେଳେ କମିଶନ ତରଫରୁ ଜୁଲାଇ ୧୫ ତାରିଖ ପରେ ବିଡିଓ, ତହସିଲ, ପୋଲିସ ତରଫରୁ ପିଡିତାର ପରିବାର ଙ୍କୁ ନୋଟିସ ଜାରି କରାଯାଇ ପକ୍ଷ ରଖିବାକୁ କୁହାଯିବ । ଜୁନ ୨୫ ତାରିଖରେ କମିଶନଙ୍କ ଅବଧି ଶେଷ ହୋଇଥିବାରୁ ରାଜ୍ୟ ସରକାର ପୁଣି କମିଶନଙ୍କ କାଯ୍ୟ କୁ ୩ ମାସ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ପିଡିତାର ପରିବାରଙ୍କୁ ।ସନ୍ତା କୋରାପୁଟ ଜିଲା ପଟାଙ୍ଗି ଥାନା ଅନ୍ତର୍ଗତ କୁନ୍ଦୁଲି ଅ ଳର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ୨୦୧୭ ଅକ୍ଟୋବର ୧୦ ତାରିଖରେ ଗଣ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା । ୪ ଜଣ ଯବାନ ଉକ୍ତ ନାବାଳିକାକୁ ଗଣ ବଳାତ୍କାର କରିଥିବା ନାବାଳିକା ଅଭିଯୋଗ କରିଥିଲେ । ଏହି ମାମଲାର ଗୁରୁତ୍ୱ କୁ ନେଇ ରାଜ୍ୟ ସରକାର ବିଚାର ବିଭାଗୀୟ କମିଶନ ବସାଇଥିଲେ । କୋରାପୁଟ ଜିଲା ଦୌରା ଜଜ କୁ ମାମଲା କମିଶନ ଭାବେ ଦାୟିତ୍ୱ ଦିଆଯାଇଥିଲା । । କମିଶନ ସତ୍ୟପାଠ ଦାଖଲ କରିବା ପାଇଁ ନୋଟିସ ମଧ୍ୟ ସବସାଧାରଣ ସ୍ଥାନରେ ଟଙ୍ଗା ଯାଇଥିଲା । କମିଶନଙ୍କ ପକ୍ଷରୁ ୨ ଥର ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ପିଡିତାଙ୍କ (ପୃଷ୍ଠା-୭)

# ତ୍ରିକୋଣୀୟ ପ୍ରେମରୁ ବଳିପଡ଼ିଲେ ଶୈଳଜା



- ମେଜରଙ୍କ ପତ୍ନୀଙ୍କୁ ହତ୍ୟା
- ମୋବାଇଲ୍ ଫୋନ୍ କଲ୍‌ରୁ ସନ୍ଦେହ, ଆଉ ଜଣେ ମେଜର ଗିରଫ

ନୂଆଦିଲ୍ଲୀ, ୨୪।୬: ଦିଲ୍ଲୀର କ୍ୟାଣ୍ଟ ଅଞ୍ଚଳରେ ସେନାର ଜଣେ ମେଜରଙ୍କ ପତ୍ନୀଙ୍କୁ ହତ୍ୟା ଘଟଣାରେ ପୋଲିସ୍ ଆଉ ଜଣେ ମେଜରଙ୍କୁ ଗିରଫ କରିଛି । ଗିରଫ ମେଜରଙ୍କ ନାଁ ନିଖିଲ ହାଣ୍ଡା । ପଚରାଉଚରା ବେଳେ ଜଣାପଡ଼ିଛି ଯେ ପ୍ରେମ ଜନିତ କାରଣରୁ ଏହି ହତ୍ୟାକାଣ୍ଡ ଘଟିଛି । ପୋଲିସ୍ କହିଛି, ମେଜର ନିଖିଲ ହାଣ୍ଡା ମେଜର ଅମିତ ଦ୍ୱିବେଦୀଙ୍କ ପତ୍ନୀ ଶୈଳଜାଙ୍କୁ ପ୍ରେମ କରୁଥିଲେ । ସେ ତାଙ୍କୁ ବାହା ହେବାକୁ ଚାହୁଁଥିଲେ । କିନ୍ତୁ ଶୈଳଜା ଏଥିରେ ରାଜି ହୋଇ ନଥିଲେ । ତେଣୁ ନିଖିଲ ରାଗି ଯାଇ ତାଙ୍କୁ ଛୁରୀରେ ଗଳା କାଟି ହତ୍ୟା କରିଥିଲେ । ମେଜର ନିଖିଲ ଓ ମେଜର ଅମିତଙ୍କ ପରିବାର ମଧ୍ୟରେ ଗତ ତିନି ବର୍ଷ ହେବ ଭଲ ସଂପର୍କ ଥିଲା । ଦୀମାପୁରରେ ପୋଷ୍ଟିଂ ବେଳେ ଦୁଇ ମେଜରଙ୍କ ପରିବାର ମଧ୍ୟରେ ସଂପର୍କ ଗଢ଼ି ଉଠିଥିଲା । ଏହି ମଧ୍ୟରେ ଶୈଳଜାଙ୍କ ପ୍ରେମରେ ପଡ଼ି ଯାଇଥିଲେ ନିଖିଲ । ମେଜର ଅମିତ ଦ୍ୱିବେଦୀ ମଧ୍ୟ ତାଙ୍କ ପତ୍ନୀ ଓ ମେଜ ନିଖିଲଙ୍କ ମଧ୍ୟରେ ଥିବା ସଂପର୍କ ବିଷୟରେ ଜାଣିଥିଲେ । ମୃତ ଶୈଳଜାଙ୍କ ମୋବାଇଲ୍ କଲ୍ ଡିଟେଲ୍ ଯାଞ୍ଚ ବେଳେ ଜଣାପଡ଼ିଲା ଯେ ମେଜର ନିଖିଲ ତାଙ୍କୁ ବହୁତ ଥର କଲ୍ କରିଥିଲେ । ସେଥିପାଇଁ ନିଖିଲଙ୍କ ଉପରେ ପୋଲିସ୍‌ର ସନ୍ଦେହ ହେଲା । ନିଖିଲଙ୍କୁ ପୋଲିସ୍ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲା । ତେବେ ଯୋଗାଯୋଗ ହୋଇ ନପାରିବାରୁ ସେ ଫେରାର ହୋଇଯିବା ଚକ୍କରରେ ଥିବା ପୋଲିସ୍ ଜାଣିବାକୁ ପାଇଥିଲା । ତେଣୁ ତାଙ୍କ (ପୃଷ୍ଠା-୭)

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**